## ସଂକ୍ଷେପରେ

### କାଇଁଚପୁର ସରପଞ୍ଚଙ୍କୁ ଅମୃତଦାତା ସମ୍ମାନ

**ଗଞ୍ଜାମ,୨୬।୬(ଡି.ଏନ୍.ଏ.):** ଗଞ୍ଜାମ ବ୍ଲକ କାଇଁଚପୁର ସରପଞ୍ଚ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସକ୍ଷମର ଉପଦେଷ୍ଟା ଜି.ସନ୍ତୋଷ ରେଡ୍ଡୀଙ୍କୁ ଅମୃତଦାତା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ସମର୍ପିତ ସୋସିଆଲ ଫାଉଣ୍ଡେଶନ ଟ୍ରଷ୍ଟ ତରଫରୁ ବିଶ୍ୱ ସ୍ୱେଚ୍ଛାକୃତ ରକ୍ତଦାତା ଦିବସ ୨୦୨୧ ପାଳନ ଅବସରରେ ସରପଞ୍ଚଙ୍କୁ ରକ୍ତଦାନ କରି ଆସୁଥିବାରୁ ତାଙ୍କୁ ଅମୃତଦାତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ବିଭାଗର ଉପଦେଷ୍ଟା ସୁଲତା ଦେଓ, ରାଜ୍ୟ ହାଉସିଂ ବୋର୍ଡ଼ର ଅଧ୍ୟକ୍ଷ ପ୍ରିୟଦର୍ଶିନୀ ମିଶ୍ର, ଖଦି ଗ୍ରାମ୍ୟୋଦ୍ୟୋଗ ବୋର୍ଡର ସଭାପତି ସଂଗ୍ରାମ କେଶରୀ ପାଇକରାୟ ଏବଂ ସମର୍ପିତ ସୋସିଆଲ ଫାଉଣ୍ଡେଶନ ଟ୍ରଷ୍ଟର ସମ୍ପାଦକ ସଦାଶିବ ଜେନା ଉପସ୍ଥିତ ଥିଲେ। ପୂର୍ବରୁ ସରପଞ୍ଚ ସନ୍ତୋଷ ପ୍ରଧାନମନ୍ତ୍ରୀଙ୍କଠାରୁ ପଞ୍ଚାୟତର ଶ୍ରେଷ୍ଠ ବିକାଶ ପାଇଁ ସମ୍ମାନ, ପଞ୍ଚାୟତରେ ଉନ୍ନୟନ ପାଇଁ ଜିଲାସ୍ତରରେ ସମ୍ମାନିତ ହୋଇ ଆସିଛନ୍ତି।

### ଅଭିଯୁକ୍ତ ନାବାଳକ ଜେଜେବିରେ ହାଜର

ମା' ଝିଅଙ୍କୁ ମାଡ଼ ସହ ଅସଦାଚରଣ ମାମଲା

**ଦିଗପହଣ୍ଡି,୨୬।୬(ଡି.ଏନ.ଏ.):** ମା', ଝିଅଙ୍କୁ ମାଡ଼ ସହ ଅସଦାଚରଣ ଅଭିଯୋଗରେ ନଂ.୧୫୩/୨୧ ଅନୁଯାୟୀ ଦିଗପହଣ୍ଡି ପୋଲିସ ଜଣେ ନାବାଳକଙ୍କୁ ଶୁକ୍ରବାର ବ୍ରହ୍ମପୁର ସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି। ଗତ ୧୮ ତାରିଖରେ ଜଣେ ନାବାଳିକାଙ୍କୁ ନାବାଳକ ଜଣକ କମେଣ୍ଟ ମାରିଥିଲେ। ମା' ଝିଅ ପ୍ରତିବାଦ କରିବାରୁ ନାବାଳକ ଉଭୟଙ୍କୁ ରାସ୍ତାରେ ଘୋଷାରି ନିସ୍ତୁକ ମାଡ଼ ମାରିବା ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା।

### ଉଠାଦୋକାନୀଙ୍କୁ ସହାୟତା

**ଗୋପାଳପୁର,୨୬।୬:** କରୋନାରେ କ୍ଷତିଗ୍ରସ୍ତ ହୋଇଥିବା ଗୋପାଳପୁର ଏନ୍‌ଏସି ଅଞ୍ଚଳର ଉଠାଦୋକାନୀମାନଙ୍କୁ ଶନିବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ରାଶି ପ୍ରଦାନ କରାଯାଇଛି। ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ୍ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ଦାସ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ହଜାର ଟଙ୍କା ଲେଖାଏ ଡିବିଟି ମାଧ୍ୟମରେ ଏନ୍‌ଏସି ଅଞ୍ଚଳର ୨୨୪ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଯେଉଁମାନେ ଆର୍ଥିକ ସହାୟତାରୁ ବଞ୍ଚିତ ଥିବେ ପରବର୍ତ୍ତୀ ସମୟରେ ସହାୟତା କରାଯିବ ବୋଲି କୁହାଯାଇଥିଲା। ଏହି ଅବସରରେ ୫୪ ନଂ ଜିଲା ପରିଷଦ ସଭ୍ୟ ମଞ୍ଜୁଶ୍ରୀ ଦଳେଇ, ପୂର୍ବତନ ଜିଲା ପରିଷଦ ଦିଲେଶ୍ୱର ରେଡି, ଦୀପକ କୁମାର ସାମନ୍ତ, ପ୍ରକାଶ ଚନ୍ଦ୍ର ସାମନ୍ତ, ପ୍ରତାପ ଚନ୍ଦ୍ର କୋଠିଆ, ପି.କମଳା ରେଡି, ଜାନକୀ ରାମ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଦେଉଳିଆପଡ଼ାବାସୀଙ୍କୁ ନଦୀ ପାଣି ଭରସା

**ଚିକିଟି,୨୬।୬(ଡି.ଏନ.ଏ.):** ଚିକିଟି ବ୍ଲକ ଚାନ୍ଦପୁର ପଞ୍ଚାୟତର ଦେଉଳିଆପଡା ଗ୍ରାମରେ ଦୀର୍ଘ ଏକ ସପ୍ତାହ ଧରି ନଳକୂପ ଅଚଳ ହୋଇପଡ଼ିଛି। ଏଥିପାଇଁ ଗ୍ରାମର ପ୍ରାୟ ଏକ ହଜାର ଜନସାଧାରଣ ବାହୁଦା ନଦୀର ପାଣି ବ୍ୟବହାର କରୁଛନ୍ତି। ନଳକୂପ ମରାମତି ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଓ ବ୍ଲକ୍ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ଫଳରେ ଲୋକମାନେ ବାହୁଦା ନଦୀର ପାଣି ବ୍ୟବହାର କରୁଥିବାରୁ ବିଭିନ୍ନ ପେଟ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଦେଖାଦେଇଛି। ପୂର୍ବରୁ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ବିଭାଗ ଅଧୀନରୁ ନଳକୂପ ମରାମତି ଦାୟିତ୍ୱ କାଢ଼ି ନେଇ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି। ଗ୍ରାମ୍ୟ ପଞ୍ଚାୟତ ଓ ବ୍ଲକ୍ ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବ ଯୋଗୁ ଏହିଭଳି ସମସ୍ୟା ଦେଖାଦେଉଛି; ଯାହାଦ୍ୱାରା ଲୋକମାନେ ପାଣି ଟୋପାଏ ପାଇଁ ହଇରାଣ ହରକତ ହେଉଛନ୍ତି। ଏ ସମ୍ପର୍କରେ ଚାନ୍ଦପୁର ସରପଞ୍ଚ ମନୋଜ କୁମାର ସାହୁଙ୍କୁ ପଚାରିବାରୁ ଏନେଇ ଆଜି ଅଭିଯୋଗ ଆସିଛି। ବୁଧବାର ମରାମତି କରାଯିବ ବୋଲି କହିଛନ୍ତି।

# ଚାରାରୋପଣ କାର୍ଯ୍ୟକ୍ରମକୁ ଜିପିଏସ୍ ଜଗିବ

**ଭଞ୍ଜନଗର,୨୬।୬(ଡି.ଏନ.ଏ.)**

ବନ ବିଭାଗର ଚାରାରୋପଣ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ବିଗତ ଦିନରେ ବହୁ ଅଭିଯୋଗ ଆସୁଥିଲା। ଯାହାକୁ ନେଇ ବିଭିନ୍ନ ସମୟରେ ସମସ୍ୟା ଦେଖାଦେଉଥିଲା। ଚାରାରୋପଣ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ଆଣିବା ପାଇଁ ଜଙ୍ଗଲ ଓ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଚଳିତ ବର୍ଷ ନୂଆ ପଦକ୍ଷେପ ନିଆଯାଇଛି । ଚାରାରୋପଣର ପ୍ରତିଟି ପର୍ଯ୍ୟାୟର ଜିପିଏସ୍ ସହାୟତାରେ ଫଟୋ ନିଆଯିବ। ଜଙ୍ଗଲର ଯେଉଁ ସ୍ଥାନରେ ଚାରାରୋପଣ ହେବ ପ୍ରଥମେ ଖାଲି ସ୍ଥାନର ଜିପିଏସ୍ ସହାୟତାରେ ଫଟୋ ନିଆଯିବ। ଏହାକୁ ତୁରନ୍ତ ବନ ବିଭାଗର ସ୍ୱତନ୍ତ୍ର ପୋର୍ଟାଲ ଓଏଫ୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ଼ କରାଯିବ। ସେହିଭଳି ମାଟି ଖୋଳିବା, ଚାରାରୋପଣ ସମୟର ଫଟୋ, ମାଟି ପୋତିବା ସମୟର ଫଟୋ ମଧ୍ୟ ଓଏଫ୍‌ଏମ୍‌ଏସ୍ ପୋର୍ଟାଲରେ ଅପ୍‌ଲୋଡ଼ କରାଯିବ। ଚଳିତ ବର୍ଷ ଏହି ପ୍ରକ୍ରିୟା ଚାଲିଛି। କେତେକ ସ୍ଥାନରେ ଡ୍ରୋନ କ୍ୟାମେରାରେ ମଧ୍ୟ ଫଟୋ ଉତ୍ତୋଳନ କରାଯାଉଛି । ସାଧାରଣ ଜନତା ସରକାରଙ୍କ ଯୋଜନାର ସଫଳତା ସମ୍ପର୍କରେ ଜାଣିବାକୁ ଚାହିଁଲେ ମୋ ଜଙ୍ଗଲ ଆପ୍‌କୁ ଯାଇ ତଥ୍ୟ ସଂଗ୍ରହ କରିପାରିବେ । ଏଥିସହ ଚାହିଁଲେ ସେଠାରେ ମତାମତ ମଧ୍ୟ ଦେଇପାରିବେ। ଏହି ପ୍ରକ୍ରିୟା ଦ୍ୱାରା ବିଗତ ଦିନରେ ଚାରାରୋପଣ କାର୍ଯ୍ୟକ୍ରମରେ ଯେଉଁ ଅର୍ଥ ଲୁଟ୍ ହେଉଥିଲା ତାହା ଆଉ ସମ୍ଭବ ହୋଇପାରିବ ନାହିଁ । ଗତବର୍ଷ ରାଜ୍ୟ ସରକାର ଏହି ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ତୁ ଗତବର୍ଷ କେବଳ ଚାରାରୋପଣ ପୂର୍ବରୁ ଖାଲିଥିବା ସ୍ଥାନର ତଥ୍ୟ ଅପ୍‌ଲୋଡ୍ କରାଯାଉଥିଲା । ଯୋଜନାର ସଫଳତା ମିଳିବା ପରେ ଚଳିତ ବର୍ଷ ଚାରାରୋପରଣ ପ୍ରତିଟି ପର୍ଯ୍ୟାୟର ତଥ୍ୟ ସଂଗ୍ରହ କରାଯାଇ ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ । ଏହିଭଳି ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡରେ ପ୍ରାୟ ୧୪ ଲକ୍ଷ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲ ମଧ୍ୟରେ ପ୍ରାୟ ୧୧ଲକ୍ଷ ଚାରାରୋପଣ ହେବାର କାର୍ଯ୍ୟକ୍ରମ ରହିଛି। ତାହାର ତଥ୍ୟ ପୋର୍ଟାଲରେ ଅପ୍‌ଲୋଡ଼ କରାଯାଉଛି । ହେକ୍ଟର ପିଛା ୧୬ ଶହ ଚାରାରୋପଣ ହେବ। ଏନେଇ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କାନ୍ତ ଦଳେଇଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଯୋଜନାର ସଫଳତା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ହାତକୁ ନିଆଯାଇଛି ।

**ଲୋକେ ଯୋଜନାର ସଫଳତା ମୋ ଜଙ୍ଗଲ ଆପ୍‌ରେ ଦେଖିବେ**



ଗାଲେରୀ ରେଞ୍ଜରେ ଚାରାରୋପଣ ପାଇଁ ଗାତ ଖୋଳାହୋଇଛି ।

# ଲୋକଙ୍କୁ ଶୋଷଣ କରୁଛନ୍ତି ଔଷଧ ଦୋକାନୀ

**ଖଜୁରିପଡ଼ା/ବଲସକୁମ୍ପା, ୨୬।୬(ଡି.ଏନ.ଏ.)**



ଔଷଧ ଦୋକାନ।

ଓଡ଼ିଶାକୁ ଏବେ ମୌସୁମୀ ଫେରିଛି। ଜାରି ରହିଛି ଲଘୁଚାପ ବର୍ଷା। ଋତୁ ପରିବର୍ତ୍ତନ ହେଉଥିବାରୁ ଲୋକମାନେ ମ୍ୟାଲେରିଆ, ଥଣ୍ଡା, କାଶ, ଜ୍ୱର, ଟାଇଫଏଡ୍ ଆଦି ରୋଗରେ ଆକ୍ରାନ୍ତ ହେଉଛନ୍ତି। କିନ୍ତୁ କରୋନା ସଂକ୍ରମଣର ଭୟରେ କନ୍ଧମାଳ ଜିଲାର ଆଦିବାସୀମାନେ ମୁଖ୍ୟ ଚିକିତ୍ସାଳୟ, ଉପ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ନ ଯାଇ ଗାଁ ଗହଳିରେ ଥିବା ଔଷଧ ଦୋକାନ କିମ୍ବା କ୍ଲିନିକ୍‌ଗୁଡ଼ିକରେ ଚିକିତ୍ସିତ ହେଉଛନ୍ତି। ଏହାର ସୁଯୋଗ ନେଇ ଫାଇଦା ଉଠାଉଛନ୍ତି କିଛି ଅସାଧୁ ଔଷଧ ଦୋକାନୀ ଏବଂ କ୍ଲିନିକ୍ ମାଲିକ। ଗ୍ରାମାଞ୍ଚଳର ଏହି ନିରୀହ ଲୋକଙ୍କୁ ନିମ୍ନମାନର ଔଷଧ ଚଢ଼ା ଦରରେ ବିକ୍ରି କରି ଇଞ୍ଜେକଶନ ଓ ସାଲାଇନ ପାଞ୍ଚ ସାତ ଦିନ ଲେଖାଏ ଲଗାଇ ଚିକିତ୍ସା ଆଳରେ ଶୋଷଣ କରୁଛନ୍ତି। କରୋନାର ଚିକିତ୍ସା ପାଇଁ ବରିଷ୍ଠ ଡାକ୍ତର, ପ୍ରଫେସରମାନେ ସୋସିଆଲ ମିଡ଼ିଆରେ ଘରେ ରହି ଯେଉଁ ଔଷଧ ଖାଇବାକୁ ପରାମର୍ଶ ଦେଉଛନ୍ତି ସେହି ଔଷଧଗୁଡ଼ିକୁ ଚଢ଼ା ଦରରେ ଲୋକଙ୍କୁ ବିକ୍ରି କରୁଛନ୍ତି।

ଅନ୍ୟପକ୍ଷରେ କିଛି ଲୋକ ଉପ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ବେଳେ ସେଠାରେ ଡାକ୍ତରଙ୍କୁ ଭେଟ ନ ପାଇ ମଧ୍ୟ ଫେରି ଆସି କ୍ଲିନିକ ଓ ଔଷଧ ଦୋକାନର ଆଶ୍ରୟ ନେଉଛନ୍ତି। ସରକାରୀ ନିୟମକୁ ଉଲ୍ଲଂଘନ କରି ଗ୍ରାମାଞ୍ଚଳଗୁଡିକରେ ବିନା ଲାଇସେନ୍ସରେ ଚାଲିଛି ଅନେକ ମେଡିସିନ ଦୋକାନ ଓ କ୍ଲିନିକ। ସେମାନେ ମନଇଚ୍ଛା ନିମ୍ନମାନର ନକଲି ମେଡ଼ିସିନକୁ ଚଢ଼ା ଦରରେ ରୋଗୀମାନଙ୍କୁ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷ ଜାଣି ନ ଜାଣିଲା ପରି ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ସେହିପରି ବିନା ଫାର୍ମାସିଷ୍ଟ ଓ ଜବରଦଖଲ ସ୍ଥାନରେ ମେଡ଼ିସିନ ଦୋକାନ ଖୋଲି ପାରିବେ ନାହିଁ ବୋଲି କଡ଼ା ନିୟମ ରହିଛି। ହେଲେ ଡ୍ରଗ୍‌ସ ଇନ୍ସପେକ୍ଟର ତଦାରଖ କରୁନାହାନ୍ତି। ଏଠାରେ ଥିବା ଡ୍ରଗ୍‌ସ କାର୍ଯ୍ୟାଳୟ ମଧ୍ୟ ନିୟମିତ ଖୋଲୁ ନ ଥିବା ବେଳେ କାର୍ଯ୍ୟାଳୟରେ ସବୁବେଳେ ତାଲା ଝୁଲୁଥିବା ଅଭିଯୋଗ ହେଉଛି। ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଡ୍ରଗ୍‌ସ କଣ୍ଟ୍ରୋଲର ଦୃଷ୍ଟିଦେବା ସହିତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# କଇଁଫୁଲିଆ ନାଳ ସୌନ୍ଦର୍ଯ୍ୟକରଣ

**ଆସିକା,୨୬।୬(ଡି.ଏନ.ଏ.)**

ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର ଚିନିଶିଳ୍ପ ନିକଟରେ ଥିବା କଇଁଫୁଲିଆ ନାଳର ସୌନ୍ଦର୍ଯ୍ୟକରଣ ଲାଗି ଯୋଜନା କରାଯାଇଛି। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ସମ୍ପୃକ୍ତ ନାଳ ପରିଦର୍ଶନ କରିବା ସହ ଆସିକା ବ୍ଲକ ପୂର୍ତ୍ତ ବିଭାଗ ଓ କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀଙ୍କୁ ନେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଥମିକ ସ୍ତରରେ ଏହି ସୌନ୍ଦର୍ଯ୍ୟକରଣ ଲାଗି ୧ କୋଟି ଟଙ୍କା ବ୍ୟୟବରାଦର ଅଟକଳ କରାଯାଇଥିଲା ବେଳେ ୨୫ ଲକ୍ଷ ଟଙ୍କା ଯୋଗାଡ ହୋଇଛି। ସୌନ୍ଦର୍ଯ୍ୟକରଣ ଯୋଜନାରେ କଇଁଫୁଲିଆ ନାଳର ପୁନରୁଦ୍ଧାର କରି ଜଳଧାରଣ କ୍ଷମତା ବୃଦ୍ଧି, ନାଳର ଉଭୟପାର୍ଶ୍ୱର ହିଡକୁ ଚଉଡା କରି ସମ୍ପୃକ୍ତସ୍ଥଳିରେ ଫୁଲ ବଗିଚା, ଶିଶୁ ପାର୍କ ଓ ନାଳ ଉପରେ ଥିବା ଚେକଡେମ ଉପରେ ଏକ ସେତୁ ନିର୍ମାଣ ସହ ଜଳାସୟରେ ନୌକା ବିହାର ଯୋଜନା କରାଯାଇଛି। ଏହି ଆଲୋଚନା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆସିକା ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ନାରାୟଣ ଚନ୍ଦ୍ର ସାହୁ, ଯୁବନେତା ନଚିକେତା ସ୍ୱାଇଁ, କାଳଷଣ୍ଢପୁର ସରପଞ୍ଚ ଧନମାଳି ସିଂହଙ୍କ ସମେତ ପୂର୍ତ୍ତ ଓ କ୍ଷୁଦ୍ର ଜଳସେଚନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରାଧ୍ୟାପକ ନିଶାକରଙ୍କ ସ୍ମୃତିସଭା

**କବିସୂର୍ଯ୍ୟନଗର,୨୬।୬**

କବିସୂର୍ଯ୍ୟନଗର ଏନ୍‌ଏସିସ୍ଥିତ କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦ ଗୃହରେ ପ୍ରାଧ୍ୟାପକ ଡ. ଦିବଂଗତ ନିଶାକର ପାଢ଼ୀଙ୍କ ଦ୍ୱାଦଶାହ ଦିବସ ଅବସରରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ତଥା ପ୍ରାଧ୍ୟାପକ କୈଳାସ ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମାହେଶ୍ୱରୀ ଦୋରା, ମୁଖ୍ୟବକ୍ତା ସାହିତ୍ୟିକ ମିହିର କୁମାର ଶତପଥୀ ଯୋଗଦେଇ ପାଢ଼ୀଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ, ସାହିତ୍ୟିକ ରାମନାଥ ମାଝି ଓ ସୁବାସ ଚନ୍ଦ୍ର ତ୍ରିପାଠୀ, ନନ୍ଦକିଶୋର ମିଶ୍ର, ସଭ୍ୟ ପଦ୍ମ ଚରଣ ଦାସ, ବିଶ୍ୱନାଥ ରାଉତ, ନବଘନ ଗୌଡ଼ ପ୍ରମୁଖ ଉପସ୍ଥିତ ରହି ପାଢ଼ୀଙ୍କ ଫଟୋରେ ମାଲ୍ୟାର୍ପଣ କରିଥିଲେ।

## ୧୦୭ ୟୁନିଟ ରକ୍ତ ସଂଗ୍ରହ

**ଗଞ୍ଜାମ,୨୬।୬(ଡି.ଏନ.ଏ.)**

ଗଞ୍ଜାମ ସହର ଉପକଣ୍ଠରେ ରହିଥିବା ଛତ୍ରପୁର ଓଏସଏପି ଅଷ୍ଟମ ବାଟାଲିୟନ ପକ୍ଷରୁ ଏକ ରକ୍ତଦାନ ଶିବିର ବାଟାଲିୟନ ପରିସର ନୂତନ ମେଡିକାଲ ଗୃହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୧୦୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ପ୍ରାରମ୍ଭରେ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଶୁଭ ଉଦ୍‌ଘାଟନ କରିଥିଲେ। ଡେପୁଟି କମାଣ୍ଡାଣ୍ଟ ସୁନୀଲ କୁମାର ବେହେରା, ଏସ୍‌ସି ଅରୁଣ କୁମାର ପ୍ରଧାନ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖଙ୍କ ସହ ସମସ୍ତ ଅଫିସର ଉପସ୍ଥିତ ଥିଲେ। ବାଟାଲିୟନ ହାବିଲଦାର ଓ ସିପାହି ଶାଖା ସଂଘ ସଭାପତି ପ୍ରଭାକର ବେହେରା, ସମ୍ପାଦକ ନୀଳାଦ୍ରି ନାୟକ, ଅଜିତ କୁମାର ରଥ, ସୁଜିତ କୁମାର ବେହେରା, ସୁକାନ୍ତ କୁମାର ପଣ୍ଡା ପ୍ରମୁଖଙ୍କ ସମେତ ହାବିଲଦାର ଓ ସିପାହି ବୃନ୍ଦ ଉକ୍ତ ଶିବିର ସୁପରିଚାଳନା କରିଥିଲେ।

# ରାସ୍ତାକଡ଼ରେ ପଡ଼ିଛି କୁଢ଼ କୁଢ଼ ଆବର୍ଜନା



ଗଦା ହୋଇଥିବା ଆବର୍ଜନା।

**ଆର.ଉଦୟଗିରି,୨୬।୬(ଡି.ଏନ୍.ଏ.)**

ଗାଁଠାରୁ ସହର ପର୍ଯ୍ୟନ୍ତ ସଫା ରଖିବା ଓ ସମସ୍ତଙ୍କୁ ରୋଗଦାଉରୁ ମୁକ୍ତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ କରିଥିଲେ। ଏଥିରେ ପ୍ରତ୍ୟେକ ସରକାରୀ କର୍ମଚାରୀ ସାମିଲ ହୋଇଥିଲେ। ହେଲେ ଏହା ଆରମ୍ଭ ହେବା ପରେ ପ୍ରତ୍ୟେକ ରାଜ୍ୟକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ ଜରିଆରେ ଟଙ୍କା ମଧ୍ୟ ଦିଆଯାଇଥିଲା। କିନ୍ତୁ ମୋହନା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଆସିଥିବା ସେହି ଅର୍ଥ ଲୁଟ ହେଇଗଲାଣି। କିନ୍ତୁ ବ୍ଲକ ପ୍ରଶାସନ ଏବଂ ପଞ୍ଚାୟତ ପ୍ରଶାସନର ଏଥିପ୍ରତି ଦୃଷ୍ଟି ପଡୁନାହିଁ। ଫଳରେ ମୋହନା ବ୍ଲକର ବୀରକୋଟ ଗ୍ରାମରେ ବାଟବଣା ହୋଇଛି ସ୍ୱଚ୍ଛ ଭାରତ ଅଭିଯାନ। ରାସ୍ତା କଡରେ ମାସ ମାସ ଧରି ପଡି ରହୁଛି କୁଢ଼କୁଢ଼ ଅଳିଆ ଆବର୍ଜନା। ଲୋକେ ଘରର ଦୂଷିତ ପାଣି ଏବଂ ଅଳିଆ ଆବର୍ଜନା ଦାଣ୍ଡରେ ଫୋପାଡୁଛନ୍ତି। ଜାତୀୟ ରାଜପଥ ୩୨୬ ରାସ୍ତା କଡ଼ରେ ପଡି ରହିଛି ଆବର୍ଜନାର ପାହାଡ଼। ବର୍ଷା ହେଲେ ସେହି ଅଳିଆ ଗଦାରେ ପାଣି ଜମି ଗାଁରେ ଭାସୁଛି ଦୂଷିତ ପାଣି। ଲୋକେ ବିଭିନ୍ନ ରୋଗର ଶିକାର ହୁଅନ୍ତି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି।

# ଚିଲିକାରେ ଘେରିବନ୍ଧ ଉଚ୍ଛେଦକୁ ଆଖିଠାର



ଚିଲିକା ହ୍ରଦ।

**ରମ୍ଭା,୨୬।୬**

ଗଞ୍ଜାମ, ଖୋର୍ଦ୍ଧା ଓ ପୁରୀ ଜିଲାର ୧୪୭ ଖଣ୍ଡ ଗ୍ରାମର ୩ ଲକ୍ଷ ପାରମ୍ପରିକ ମତ୍ସ୍ୟଜୀବୀ ଚିଲିକା ଉପରେ ନିର୍ଭର କରି ବଞ୍ଚନ୍ତି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ, ଜଙ୍ଗଲ ବିଭାଗ ଓ ରାଜସ୍ୱ ବିଭାଗର ମିଳିତ ଆନୁକୂଲ୍ୟରେ ଏହା ପରିଚାଳିତ ହୋଇଥାଏ। କିନ୍ତୁ ବହୁ ବିଭାଗ ପରିଚାଳନା ଦ୍ୱାରା ମତ୍ସ୍ୟଜୀବୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଘେରି ଉଚ୍ଛେଦ ନାଁରେ କୋଟି କୋଟି ଟଙ୍କା ରାଜସ୍ୱ ଖର୍ଚ୍ଚ କରିଥାଆନ୍ତି, କିନ୍ତୁ ଏହାର ସୁଫଳ ମିଳିନଥାଏ। ରାଜନୀତି ଚାପରେ କି ପ୍ରଶାସନ ହାତଗୁଞ୍ଜାରେ ନାମକୁମାତ୍ର ଘେରିବନ୍ଧ କଟା। ଏକ ନିର୍ଦ୍ଦିଷ୍ଟ ଶ୍ରମିକ, ମାଫିଆ ଓ ଅଫିସରଙ୍କ ଇଙ୍ଗିତରେ ମେଶିନ ଦ୍ୱାରା ଚିଲିକା ଭିତରେ ଜାଲ, କିଳା ବୁଡାଇ ଦିଆଯାଇଥାଏ। ନାମକୁମାତ୍ର କିଛି ବାହାର ଦେଖାଣିଆ ପୋଡ଼ିଥାନ୍ତି ଆଖିଠାର ଭଳି। ଏହି ମହାମାରୀରେ ସରକାରଙ୍କ କୌଣସି ସୁବିଧା ନ ମିଳିବାରୁ ବାହାରକୁ ଦାଦନ ଖଟିବାକୁ ଯାଇଥାଆନ୍ତି। ଏହା ପରେ ବିଷାକ୍ତ ବେନାମୀ ଚିଙ୍ଗୁଡ଼ି ଚାଷ କୂଳେ କୂଳେ ଗଢ଼ି ଉଠିଥିବା ରାସାୟନିକ ସାର ଚିଲିକାକୁ ପ୍ରବେଶ କରିବା ଫଳରେ ମାଛ ଯାଆଁଳ ମରିଯାଆନ୍ତି। ବିଶେଷ କରି ପୁରୀ ଜିଲାରେ ଘେରି ପ୍ରବଳ ବୃଦ୍ଧି ହେବାରେ ଲାଗିଛି। ତହସିଲଦାର, ପ୍ରଶାସନ ଦ୍ୱାରା ହାତଗୁଞ୍ଜା ନେଇ ଘେରିବନ୍ଧ କାମକୁ ଚାପି ଦିଆଯାଉଛି। ଏହାର ପ୍ରତିବାଦ ସ୍ୱରୂପ ଚିଲିକା ମତ୍ସ୍ୟଜୀବୀ ରାଜ୍ୟ ଉପସଭାପତି ଭୀମସେନ ବେହେରା ଭିଇସି ସଭାରେ ଏହାର ପ୍ରତିବାଦ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫିଶ୍‌ଫେଡ ସଭ୍ୟ ସେନାପତି ବେହେରା, ଚିଲିକା ମତ୍ସ୍ୟଜୀବୀ ମହାସଂଘ ସଭାପତି ମାଧବ ବେହେରା, ଛପନ ତାଲୁକା ଜାତି ସଭାପତି ବ୍ରଜବନ୍ଧୁ ବେହେରା, ପିଏଫ୍ ସଭାପତି ରଘୁନାଥ ବେହେରା, ରବୀନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ମୃତ୍ୟୁର ୨୨ ବର୍ଷ ପରେ ଜମି ବିକ୍ରି ଅଭିଯୋଗ

**ପାତ୍ରପୁର,୨୬।୬(ଡି.ଏନ.ଏ.)**

ପାତ୍ରପୁର ତହସିଲ ଖରିଆଗୁଡ଼ା ସର୍କଲ ଜାମ ହରିପୁର ମୌଜାର ଏକ ଜମିକୁ ଚଞ୍ଚକତା କରି ମୃତ୍ୟୁର ୨୨ ବର୍ଷ ପରେ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ଦିଗପହଣ୍ଡି ତହସିଲ ଅନ୍ତର୍ଗତ ବୀରନାରାୟଣପୁର ଗ୍ରାମର କମାଣି ଗଉଡ ଓ ସୁଶୀଳା ଗଉଡଙ୍କ ନାମରେ ଏକ ଜମି ପାତ୍ରପୁର ତହସିଲ ଖାରିଆଗୁଡ଼ା ସର୍କଲ ଜାମ ହରିପୁର ମୌଜା ଖାତା ନଂ ୭ ପ୍ଲଟ ନଂ ୮୨,୨୧୧ରେ ଥିଲା। କମାଣି ଏବଂ ମୃତ ସୁଶୀଳାଙ୍କ ଏକମାତ୍ର ପୁତ୍ର ଭୋଗ ଦଖଲ କରି ଆସୁଥିଲେ। ମାତ୍ର ସୁଶୀଳାଙ୍କର ୧୯୯୯ରେ ମୃତ୍ୟୁ ହୋଇଥିବା ବେଳେ ସୁଶୀଳା ଏବଂ କମାଣିଙ୍କ ସ୍ଥାନରେ ଦୁଇ ଜଣ ଅଜଣା ମହିଳାଙ୍କୁ ୧୦।୧୨।୨୦୧୯ରେ ପାତ୍ରପୁର ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟରେ ଏମ୍‌ଡି ହସିମ ମଲ୍ଲିକ ନାମକ ଏକ ବ୍ୟକ୍ତିଙ୍କୁ ବିକ୍ରୟ କରାଯାଇଛି। ମ୍ୟୁଟେଶନ ମାଧ୍ୟମରେ ମଲ୍ଲିକ ନାମରେ ଖାତା ନଂ ୪୭/୭୭ରେ ପଟ୍ଟା ଯୋଗାଇ ଦିଆଯାଇଛି। କମାଣି ବିକ୍ରୟ କରିନଥିବା ଓ ସୁଶୀଳାଙ୍କର ମୃତ୍ୟୁର ୨୨ ବର୍ଷ ପରେ ଏହି ଦୁଇ ଜଣଙ୍କ ନାମରେ ଦୁଇ ଛଦ୍ମବେଶୀ ଯୋଗାଡ଼ କରି ଜମି କିଣା ବିକା ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କିଛି ଦଲାଲ ଏଭଳି କାର୍ଯ୍ୟ କରୁଥିବା କମାଣି ଗଉଡ ଏବଂ ରଞ୍ଜନ ଗଉଡ ଅଭିଯୋଗ କରିଛନ୍ତି। କିଛି ଦିନ ତଳେ ଏହି ଜମିକୁ ମଲ୍ଲିକ ଟ୍ରାକ୍ଟର ଓ ଜେସିବି ମାଧ୍ୟମରେ ସମତଳ କରିବା ବେଳେ ରଞ୍ଜନ ଓ କମାଣି ପ୍ରତିବାଦ କରିବାରୁ ସେହି ଗ୍ରାମର କିଛି ଦଲାଲ ହସିମଙ୍କୁ ସହଯୋଗ କରି ରଞ୍ଜନ ଓ କମାଣିଙ୍କୁ ଭୟଭୀତ କରାଇଥିଲେ। ଉପଯୁକ୍ତ କାଗଜପତ୍ର, ପଟା ନ ଥିବାରୁ ଏ ଯାଏ ଚୁପ ରହି ଏବେ ସମସ୍ତ ପ୍ରମାଣ ପତ୍ର ଯୋଗାଡ କରି ନ୍ୟାୟ ଦାବିରେ ପାତ୍ରପୁର ତହସିଲଦାର, ଗଞ୍ଜାମ ଜିଲାପାଳ, ଉପଜିଲାପାଳ ବ୍ରହ୍ମପୁର, ଦୁର୍ନୀତି ନିବାରଣ ଅଧିକାରୀ, ଜରଡ଼ା ଥାନା ଅଧିକାରୀ ଜିଲା ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଏସ୍‌ପି ବ୍ରହ୍ମପୁରଙ୍କୁ ଲିଖିତ ଅଭିଯୋଗ କରାଯାଇଛି।



ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗା ଚରଣ ବେହେରା ଓ ଅନ୍ୟମାନେ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# ଅଧୀକ୍ଷଣ ଯନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ

**ଶେରଗଡ଼,୨୬।୬(ଡି.ଏନ.ଏ.)**

ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୁର୍ଗା ଚରଣ ବେହେରା, ନିର୍ବାହୀ ଯନ୍ତ୍ରୀ ବଙ୍କିମ ଚନ୍ଦ୍ର ପଣ୍ଡା ଓ ଉପନିର୍ବାହୀ ଯନ୍ତ୍ରୀ ସୋମନାଥ ହୋତା, ସହକାରୀ ଯନ୍ତ୍ରୀ ବନୋଜ କୁମାର ସେଠୀ ପ୍ରମୁଖ ଶେରଗଡ଼ ବ୍ଲକରେ ଚାଲିଥିବା ସମସ୍ତ ପ୍ରକଳ୍ପକୁ ପରିଦର୍ଶନ କରି ଫେରିଛନ୍ତି। ନିର୍ବାହୀ ଯନ୍ତ୍ରୀ ପ୍ରଥମେ ପାକିଡି ହିଲ୍ ସ୍ଥିତ ଆଦର୍ଶ ବିଦ୍ୟାଳୟ ଯାଇ ୪୪ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଡିଜିଟାଇଜେଶନ କାମ ବୁଲି ଦେଖିଥିଲେ। ଉକ୍ତ ବିଦ୍ୟାଳୟରେ ୧୪ ସ୍ମାର୍ଟ ଶ୍ରେଣୀ ସହ ଲାଇବ୍ରେରି ଗୃହ ହେବ। ଏହି କାର୍ଯ୍ୟ ଜୁନ୍ ଶେଷ ସୁଦ୍ଧା ସାରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଶେରଗଡ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏହାପରେ ସମସ୍ତ ଅଧିକାରୀ ଶେରଗଡ଼ କଳିଙ୍ଗ ବୈଶ୍ୟ ଭବନ ଛକଠାରୁ ପାଣିଟାଙ୍କି ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ନାଳକୁ ବୁଲି ଦେଖିଥିଲେ। ୧ କୋଟି ୮୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ନାଳ କାମ ତୁରନ୍ତ ଆରମ୍ଭ କରିବାକୁ ଠିକାଦାର ଧୀରେନ୍ଦ୍ର କୁମାର ପରିଡାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପ୍ରକୃତି ମାଟ୍ରିକ୍ ବ୍ଲକ ଟପ୍ପର

**ବୁଗୁଡ଼ା,୨୬।୬(ଡି.ଏନ.ଏ.)**

ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ଦଶମ ଶ୍ରେଣୀରେ ବାଲିପଦର ଶ୍ରୀରଘୁନାଥ ସ୍ୱାମୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରକୃତି ସ୍ୱାଇଁ ସର୍ବାଧିକ ୫୬୪ ମାର୍କ ରଖି ବୁଗୁଡ଼ା ବ୍ଲକ ଟପ୍ପର ହୋଇଥିଲା ବେଳେ ବୁଗୁଡ଼ା ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟର ଲିପ୍ସା ସୁବୁଦ୍ଧି (୫୪୭), ସୁଦିପ୍ତା ଜେନା (୫୪୩), ତାଳସାକର ମହାମାୟୀ ଉଚ୍ଚ ବିଦ୍ୟାଳୟର ବର୍ଷାରାଣୀ ଜେନା (୫୪୨) ପ୍ରମୁଖ ଛାତ୍ରୀମାନେ ଏ-୧ ତାଲିକାରେ ସ୍ଥାନ ପାଇଛି। ଚଳିତ ବର୍ଷ ବୁଗୁଡାର ୨୭ ଉଚ୍ଚ ବିଦ୍ୟାଳୟରେ ୧୮୩୦ ଛାତ୍ରୀଛାତ୍ର ରହିଥିଲେ।

# ଦକ୍ଷିଣପୁରରେ ପାଣି ପାଇଁ ବଢୁଛି ଦୁର୍ଦ୍ଦଶା

**ଦିଗପହଣ୍ଡି/କୁକୁଡ଼ାଖଣ୍ଡି,୨୬।୬**

**ଜିଲାପାଳଙ୍କୁ ସ୍ମାରକପତ୍ର**

ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଲାଞ୍ଜିଆ-ଦକ୍ଷିଣପୁର ଗାଁରେ ପାନୀୟଜଳ ପାଇଁ ଲୋକେ ନାହିଁନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଗାଁରେ ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପର ଠିକ ଭାବେ ସୁପରିଚାଳନା ଅଭାବରୁ ପାଣି ସମସ୍ୟା ଦ୍ୱିଗୁଣିତ ହୋଇଛି। ଏନେଇ ଶନିବାର ବହୁ ସଂଖ୍ୟକ ଗ୍ରାମବାସୀ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରଛନ୍ତି। କୁକୁଡ଼ାଖଣ୍ଡି ବ୍ଲକ ଦକ୍ଷିଣପୁର ପଞ୍ଚାୟତ ଦକ୍ଷିଣପୁର ଗ୍ରାମର ଘର ସଂଖ୍ୟା ପ୍ରାୟ ୫ ଶହ। ଜନସଂଖ୍ୟା ୨ ହଜାରରୁ ଊର୍ଦ୍ଧ୍ୱ। ୩ ଟି ୱାର୍ଡ ଅଧିନ ୮ ଟି ସାହିରେ ରହୁଥିବା ଗ୍ରାମବାସୀଙ୍କ ନିମନ୍ତେ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି। ଏହି ପ୍ରକଳ୍ପ ଲୋକଙ୍କ ହିତ ସାଧନ ପାଇଁ ପ୍ରତିଷ୍ଠା କରାଯାଇଥିଲା। ହେଲେ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ଅଦୂରଦର୍ଶିତାରୁ ପ୍ରକଳ୍ପ ଏବେ ଲୋକଙ୍କ ଦୁଃଖର କାରଣ ହୋଇଛି। ସମ୍ପୂର୍ଣ୍ଣ ଅନଭିଜ୍ଞ ତଥା ଜଣେ ଅଣକୁଶଳୀ ଅସ୍ଥାୟୀ ପିଅନଙ୍କ ମନମାନି ଯୋଗୁ ପ୍ରକଳ୍ପର ମୋଟର ପମ୍ପ ଅନାବଶ୍ୟକ ଭାବେ ଦିନରାତି ଚାଲୁଥିବାରୁ ଉଦ୍‌ବୃତ୍ତ ପାଣି ରାସ୍ତାରେ ଭାସୁଛି। ପଙ୍କ କାଦୁଅ ରାସ୍ତାରେ ଯା ଆସ ବେଳେ ଲୋକେ ହଇରାଣ ହେଉଛନ୍ତି। ପାଣି ଟାଙ୍କିରେ ଲାଗିଥିବା ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ଅନବରତ ଲାଗି ରହୁଥିବାରୁ ଅଯଥା ଲକ୍ଷ ଲକ୍ଷ ଟଙ୍କାର ବିଦ୍ୟୁତ ବିଲ ବକେୟା ବଢୁଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପଞ୍ଚାୟତ ପ୍ରଶାସନ ନିଦାବିଷ୍ଟ ସାଜିଛି ବୋଲି ଗ୍ରାମର ରାମନାଥ ସାହୁ, ରବି ଦାସ, ଶଙ୍କର୍ଷଣ ସାହୁ, ଅନନ୍ତ ଦାସ, ସଞ୍ଜୟ କୁମାର ସାହୁ, ବାବୁ ଗୌଡ, ଦିବାକର ସାହୁ, ସୁନିଳ ଗୌଡ, ସୁକାନ୍ତ ସାହୁ, ସିମାଞ୍ଚଳ ସାହୁ, ସୁନିଳ ସାହୁ, ବିଶ୍ୱନାଥ ପାଣିଗ୍ରାହୀ, ସନ୍ତୋଷ ସାହୁ, ଶିବ ଶଙ୍କର ସାହୁ, ପାଣ୍ଡବ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ କରାନଗଲେ ଖୁବଶୀଘ୍ର ଜନ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏନେଇ ବିଡ଼ିଓ ଗଦାଧର ପାତ୍ରଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ପକ୍ଷରୁ ସେ କୌଣସି ଅଭିଯୋଗ ପାଇ ନ ଥିଲେ ମଧ୍ୟ ଅବିଳମ୍ବେ ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

